# The Odisha Gazette

**EXTRAORDINARY**
**PUBLISHED BY AUTHORITY**

**No. 484, CUTTACK, THURSDAY, MARCH 29, 2018/ CHAITRA 8, 1940**


## ସମବାୟ ବିଭାଗ

### ଅଧିସୂଚନା

ତା ୨୮.୩.୨୦୧୮

**S.R.O. No. 113**/2018— ଓଡ଼ିଶା କୃଷିଜାତ ଦ୍ରବ୍ୟ ବଜାର ଅଧିନିୟମ 1956 (1957 ର ଓଡ଼ିଶା ଅଧିନିୟମ 3) ର ଧାରା 4 ର ଉପଧାରା (7) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ରାଜ୍ୟ ସରକାର ରାଜ୍ୟର ଚାଷୀମାନଙ୍କ ହିତପାଇଁ ଏହାର ଆବଶ୍ୟକତା ଥିବା ବିଷୟରେ ସନ୍ତୁଷ୍ଟ ହୋଇ ଏତଦ୍ୱାରା ରାଜ୍ୟରେ ଥିବା ସମସ୍ତ ନିୟନ୍ତ୍ରିତ ବଜାର କମିଟି (ଆର.ଏମ୍.ସି) ମାନଙ୍କର ବଜାର ଅଞ୍ଚଳ ସଂପର୍କରେ କୃଷିଜାତ ଦ୍ରବ୍ୟ ଯଥା, ଚିନାବାଦାମ (ଚୋପା ସହିତ) ମୁଗ (ଗ୍ରୀନ ଗ୍ରାମ), ବିରି (ବ୍ଲାକ୍ ଗ୍ରାମ୍) ଓ ହରଡ଼ (ରେଡ୍ ଗ୍ରାମ୍) ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ଅଧିନିୟମର ଧାରା 4 ର ଉପଧାରା (1) ଅନୁଯାୟୀ ସେ ରୂପେ କୃଷିଜାତ ଦ୍ରବ୍ୟ ଭାବେ ବିନିର୍ଦ୍ଦିଷ୍ଟ କରାଯାଇଛି, ସେହି କୃଷିଜାତ ଦ୍ରବ୍ୟକୁ ମୂଲ୍ୟ ସହାୟକ (ପି.ଏସ୍.ଏସ୍) ଯୋଜନା ପ୍ରବର୍ତ୍ତନ ମାଧ୍ୟମରେ ସଂଗ୍ରହ କରାଯାଉଥିବା ଅବଧି ତା. 01 ଅପ୍ରେଲ, 2018 ଠାରୁ ତା. 30 ଜୁନ୍, 2018 ପର୍ଯ୍ୟନ୍ତ ଅଧିସୂଚନାରୁ ବାଦ୍‌ଦେବା ପାଇଁ ଘୋଷଣା କରୁଅଛନ୍ତି ।

[ସଂଖ୍ୟା-2463–Agm-Misc.-03/17/ସମବାୟ]

ରାଜ୍ୟପାଳଙ୍କ ଆଦେଶକ୍ରମେ

ରଞ୍ଜନା ଚୋପ୍ରା

କମିଶନର-*ତଥା*-ଶାସନ ସଚିବ


Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 2191-173+10